**NEW PAPER:** Sambad

**DATE:** 26.02.2019

**PAGE:** 18

SAMBAD
ସମ୍ବାଦ

# ନାମ୍‌କନ୍‌-୨୦୧୯ ଉଦ୍‌ଯାପିତ

ଭୁବନେଶ୍ୱର, ୨୫/୨ (ଇମିସ): ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଣ୍ଟ(ଏଏସ୍‌ବିଏମ୍)ର ୫ମ ଜାତୀୟ ମ୍ୟାନେଜମେଣ୍ଟ ସମ୍ମିଳନୀ ନାମକନ୍-୨୦୧୯ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଅଧ୍ୟକ୍ଷ ତପନ ଚାନ୍ଦ ଯୋଗ ଦେଇ ‘ଚାଲେଞ୍ଜିଂ ଦ ଚାଲେଞ୍ଜ’ ଶୀର୍ଷକ ଆଲୋଚନାରେ ‘ୱେଦର ପ୍ରୁଫ୍ ଅଫ୍ ଅର୍ଗାନାଇଜେସନ’ ଓ ପରିବେଶ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ୟୁଏସ୍‌ଏ ସାଉଦନ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡ. ବିଜୟ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବରେ ଓଡ଼ିଶା ଲୋକସେବା ଆୟୋଗ ପୂର୍ବତନ ଅଧ୍ୟକ୍ଷ ବିବେକ ପଟ୍ଟନାୟକ ଯୋଗ ଦେଇଥିଲେ। ନାଲ୍‌କୋ ପୂର୍ବତନ ଅଧ୍ୟକ୍ଷ ଗଦାଧର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡିନ୍ ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମିଳନୀ ସଂଯୋଜକ ଡ. ମୃତ୍ୟୁଞ୍ଜୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପ୍ରଭାତ ମହାନ୍ତି, ଡ. ରାଜେନ୍ଦ୍ର ସେନାପତି, ଡ. ଶିବପ୍ରସାଦ ମିଶ୍ର, ଯତୀନ୍ଦ୍ର କାନୁନଗୋ ପ୍ରମୁଖ ପରିଚାଳନା କରିଥିଲେ।

